ବିନା ପାର୍କିଂସ୍ଥଳରେ ମାଲମାଲ ବ୍ୟବସାୟିକ ପ୍ରତିଷ୍ଠାନ

# ରାସ୍ତାରେ ଗାଡ଼ି ପାର୍କିଂ ଯୋଗୁଁ ଟ୍ରାଫିକ ସମସ୍ୟା ଜଟିଳ

## ପୌରପାଳିକା, ପୁଲିସ ପ୍ରଶାସନ ନିରବ



ଅନୁଗୋଳ, ୧୮ ।୨(ସମିସ)

ଅନୁଗୋଳ ଜିଲ୍ଲା ତାଳଚେର ସହରକୁ ସ୍ୱଚ୍ଛ ଓ ସୁନ୍ଦର ଗଢ଼ିତୋଳିବା ପାଇଁ ରାଜ୍ୟ ସରକାର ପୌରପାଳିକା ଓ ତାମଡାକୁ ଦାୟିତ୍ୱ ଦେଇଥିବା ବେଳେ ପୌରପାଳିକା ତରଫରୁ ଏକାଧିକ ଯୋଜନାମାନ କାର୍ଯ୍ୟକାରୀ କରାଯାଉଥିବା ବେଳେ ମାତ୍ର ସହରକୁ ସୌନ୍ଦର୍ଯ୍ୟ ନାମରେ ଅସୁନ୍ଦର କରାଯାଉଛି। ବ୍ୟବସାୟିକ ଅନୁଷ୍ଠାନ ମଧ୍ୟରେ ସଚେତନା ଅଭାବ କି କର୍ତ୍ତୃପକ୍ଷଙ୍କ ତତ୍ପରତା ଅଭାବରୁ ସହରଟି ଦିଗହରା ଭାବେ ପରିଚାଳିତ ହେଉଥିବା ପ୍ରତୀୟମାନ ହେଉଛି। ଏଠି ଜାତୀୟ ରାଜପଥ ଦୂରବସ୍ଥା କାରଣରୁ ବାଟୋଇ ଏଠି ଟ୍ରାଫିକ ସମସ୍ୟା ପାଇଁ ଦହଗଞ୍ଜ ହେଉଛନ୍ତି। ସହର ମଧ୍ୟରେ ହାଟତୋଟା ଠାରୁ ହାଣ୍ଡିଧୂଆଁ ପର୍ଯ୍ୟନ୍ତ ମାଲମାଲ ବ୍ୟବସାୟିକ ପ୍ରତିଷ୍ଠାନ ଓ ସପିଙ୍ଗ ମଲଗୁଡିକ ପୌର ପ୍ରଶାସନର କୌଣସି ନିୟମକୁ ମାନୁନଥିବା ଦେଖିବାକୁ ମିଳିଛି। ଏପରିକି ରାସ୍ତା ଉପରେ ଦୋକାନ ବଜାର ସଂପ୍ରସାରିତ ହେବାରୁ ଯାନବାହାନ ଚଳାଚଳ ସୁରୁଖୁରୁରେ ଚଳାଚଳ କରିବା ସମ୍ଭବପର ହୋଇପାରୁନି। ଏତିକିବେଳେ ସହର ମଧ୍ୟରେ ଖୋଲିଥିବା ମାଲମାଲ ସପିଙ୍ଗ ମଲ ଓ ବ୍ୟାଙ୍କର ନିଜସ୍ୱ ପାର୍କିଂ ନଥିବାରୁ ସେ ସମୟରେ ଗ୍ରାହକମାନେ ନିଜ ନିଜର ଗାଡ଼ିଗୁଡିକ ରାସ୍ତା ଉପରେ ପାର୍କିଂ କରୁଛନ୍ତି ଯାହାଫଳରେ ଟ୍ରାଫିକ ସମସ୍ୟା ଜଟିଳ ହୋଇପଡୁଛି। ମାତ୍ର ଏହା ଉପରେ ପୁଲିସ ଓ ପ୍ରଶାସନ କାହାର ନଜର ରହୁନି। ସହର ସୌନ୍ଦର୍ଯ୍ୟକରଣ ପାଇଁ ବିପୁଳ ଅର୍ଥ ବ୍ୟୟ ହେଉଛି, ରାସ୍ତା ପ୍ରଶସ୍ତୀକରଣ ସହ ଫେବର ବ୍ଲକ ବିଛା ହେଉଛି। ହେଲେ ବ୍ୟବସାୟିକ ପ୍ରତିଷ୍ଠାନଗୁଡିକର ନିଜସ୍ୱ ପାର୍କିଂ ନଥିବାରୁ ଦିନଠାରୁ ସନ୍ଧ୍ୟା ପର୍ଯ୍ୟନ୍ତ ଟ୍ରାଫିକ ସମସ୍ୟା ଉପୁଜୁଛି। ବିଶେଷ କରି ହାଟ ତୋଟା, ଶର୍ମାଚକା, ହ୍ୟାଣ୍ଡଧୂଆଁ, ଆଟିଆଇ ଲିଙ୍ଗରାଜ ରୋଡ, ଉପଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖ ଆଦିରେ ମାର୍କେଟ କମ୍ପ୍ଲେକ୍ସ, ସପିଙ୍ଗ ମଲ, ପୌରପାଳିକା ପକ୍ଷରୁ ମଧ୍ୟ ବଜାର ଖୋଲାଯାଇଛି। କିନ୍ତୁ ଦୋକାନ ଘର କିମ୍ବା ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରାଯାଉଛି, ମାତ୍ର କୋଠା ନିର୍ମାଣ ଆଇନକୁ ଉଲ୍ଲଘଂନ କରି କୋଠା ନିର୍ମାଣ ଚାଲିଛି। ହେଲେ ଯେଉଁମାନେ ମନଇଚ୍ଛା ଦୋକାନ ଘର ଓ ମାର୍କେଟ କମ୍ପ୍ଲେକ୍ସ କରି ଭଡ଼ା ଲଗାଇଛନ୍ତି ଅଥଚ ପାର୍କିଂ ସୁବିଧା କରିନାହାନ୍ତି, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ କରିବା ଦିଗରେ କହା ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନିଆଯାଉନି ବୋଲି ସାଧାରଣରେ ଅଭିଯୋଗ ହେଉଛି।

## ତାଳପଦର କପ୍ କ୍ରିକେଟ; ଜଏରାଟ ଚାମ୍ପିଅନ



**କିଶୋରନଗର, ୧୮ ।୨(ସମିସ):** କିଶୋରନଗର ବ୍ଲକ ଓସ୍କାପାଲୀ ପଞ୍ଚାୟତର ତାଳପଦର ଖେଳପଡ଼ିଆରେ ଚାଲିଥିବା କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି। ଉଦଯାପନୀ ମ୍ୟାଚରେ ଜଏରାଟ ରାଧାକୃଷ୍ଣ କ୍ରିକେଟ କ୍ଲବ ବନ୍ଧୁପାଲ୍ଲୀ ଦଳକୁ ପରାସ୍ତ କରି ଚାମ୍ପିଅନ ହୋଇଛି। ଅମ୍ପାୟାର ଭାବେ ଦାୟିତ୍ୱ ତୁଲାଇଥିଲେ ପିଙ୍କୁ ସାହୁ ଓ କିରଣ ପ୍ରଧାନ। ସୁନୀଲ ପ୍ରଧାନ ଧାରାବିବରଣୀ ପ୍ରଦାନ କରିଥିଲେ। ଏଥିରେ ଅତିଥିଭାବେ ସମାଜସେବୀ ଦିବାକର ପ୍ରଧାନ, ସୁଶାନ୍ତ ପ୍ରଧାନ, ପ୍ରବୀଣ ନାୟକ, ସୁଜିତ ପ୍ରଧାନ, ପ୍ରକାଶ ବିଶ୍ୱାଳ ଯୋଗଦେଇ ଉଭୟ ଦଳଙ୍କୁ ପୁରସ୍କୃତ କରିଥିଲେ। ଏଥିରେ ତାଳପଦର ସିଂହବାହିନୀ କ୍ରିକେଟ କ୍ଲବ ର ସଦସ୍ୟ ମାନେ ସହଯୋଗ କରିଥିଲେ।

## ଖଜିରିଆ ସିୟଳ ସମାଜର ବାର୍ଷିକ ମହୋତ୍ସବ



**ଡେରଙ୍ଗ, ୧୮ ।୨(ସମିସ):** ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ ଡେରଙ୍ଗ ପଞ୍ଚାୟତ ଅନ୍ତର୍ଗତ ଅରବିନ୍ଦ ସ୍କୁଲ ଠାରେ ଡେରଙ୍ଗ ଖଜିରିଆ (ସିୟଳ) ସମାଜର ବାର୍ଷିକ ମହୋତ୍ସବ ଓ ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ସନ୍ତୋଷ କୁମାର ବେହେରା ସଭାପତି ଥିବା ବେଳେ ଉପସଭାପତି ଗୁଲେଖ ବେହେରା ସଭାପତିତ୍ୱ କରିଥିଲେ। ସମ୍ପାଦକ ପଞ୍ଚାନନ ବେହେରା, ସୁବାସ ବେହେରା, ଦୁଷ୍ମନ୍ତ ବେହେରା, ତାମିଲି ବେହେରା, ପ୍ରଶାନ୍ତ ବେହେରା, ପହ୍ଲାଦ ବେହେରା, ମହରେଗା ବେହେରା, ବିନୋଦ ବେହେରା, ପ୍ରଶ୍ନ ବେହେରା, କନ୍ଦ୍ରପ ବେହେରା, ଦୁଃଖବନ୍ଧୁ ବେହେରା, ଲୋକନାଥ ବେହେରା, ସୁଧାକର ବେହେରା, ସୁଜିତ ବେହେରା, ଗଗନ ବେହେରା, ସମୀର ବେହେରା, ଭଳା ବେହେରା, ପ୍ରଦୀପ ବେହେରା, ସୁଶାନ୍ତ ବେହେରା, ଦିପକ ବେହେରା, ଅନ୍ତ ବେହେରା, ପ୍ରମୋଦ ବେହେରାଙ୍କ ସମେତ ଡେରଙ୍ଗ ଖଜିରିଆ (ସିୟଳ) ସମାଜର ସଦସ୍ୟ ଉପସ୍ଥିତ ଥିଲେ।

## ଖୁଲୁଡ଼ି ବାବା ଗିରିଶ୍ୱର ଶୈବପୀଠରେ ପୁନରୁଦ୍ଧାର ପାଇଁ ଶିଳାନ୍ୟାସ



**ପାଲଲହଡ଼ା, ୧୮ ।୨(ସମିସ):** ଅନୁଗୋଳ ଜିଲ୍ଲା ପାଲଲହଡ଼ା ଉପଖଣ୍ଡ ସ୍ଥିତ ଝାରବେଡ଼ା ପଞ୍ଚାୟତ ଅନ୍ତର୍ଗତ ଖୁଲୁଡ଼ି ବାବା ଗିରିଶ୍ୱର ଶୈବପୀଠର ପୁନରୁଦ୍ଧାର ପାଇଁ ଭକ୍ତିମୟ ପରିବେଶରେ ନାମଯଜ୍ଞ ସହିତ ଶିଳାନ୍ୟାସ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଦେବୋତ୍ତର ଅଧିକାରୀ ତଥା ପାଲଲହଡ଼ା ଉପଜିଲ୍ଲାପାଳଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ବିଧାୟକ ମୁକେଶ ପାଲ ଏବଂ ତାଙ୍କର ସହଧର୍ମିଣୀ ଅବଲିଶା ପଟ୍ଟନାୟକ ମୁଖ୍ୟ କର୍ତ୍ତାଭାବେ ଯୋଗଦେଇ ଶିଳାନ୍ୟାସ କାର୍ଯ୍ୟକ୍ରମ ସମ୍ପନ୍ନ କରିଥିଲେ। ଗିରିଶ୍ୱର ଶୈବପୀଠ ଅନୁଗୋଳ ଜିଲ୍ଲା ତଥା କେଉଁଝର, ଦେବଗଡ଼, ଢେଙ୍କାନାଳ ଆଦି ଅଞ୍ଚଳର ଜନସାଧାରଣଙ୍କ ଏକ ଆସ୍ଥାର ପ୍ରତୀକ। ଏଠାରେ ଥିବା ଚିରସ୍ରୋତା ଝରଣା ଭକ୍ତ ତଥା ପର୍ଯ୍ୟଟକଙ୍କ ମନ ମୋହିଥାଏ। ଏଠାରେ ଥିବା ମନ୍ଦିରଟି ରାଜାରାଜୁଡ଼ା ଅମଳରୁ ଥିବା ବେଳେ ପ୍ରଶାସନ ତଥା ବିଧାୟକ ଙ୍କ ପକ୍ଷରୁ ମୁଖ୍ୟ ମନ୍ଦିରକୁ ପୁନର୍ବାର ନିର୍ମାଣ କରିବା ପାଇଁ ପ୍ରଚେଷ୍ଟା ଜାରି ରହିଥିଲା। ପ୍ରଥମ ପର୍ଯ୍ୟାୟରେ ବିଧାୟକ ମୁକେଶ ପାଲ ୨୦ ଲକ୍ଷ ଏବଂ ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି ୧୦ ଲକ୍ଷ ଟଙ୍କା ଅନୁଦାନ ପ୍ରଦାନ କରିଥିବା ବେଳେ ମନ୍ଦିର ନିର୍ମାଣ ପାଇଁ କୋଟିଏ ଟଙ୍କାରୁ ଉର୍ଦ୍ଧ୍ୱ ଖର୍ଚ୍ଚ ହେବ ବୋଲି ଆକଳନ କରାଯାଇଛି। ସୂଚନା ଅନୁସାରେ ଗିରିଶ୍ୱର ଶୈବପୀଠର ଉନ୍ନତିକରଣ ପାଇଁ ୮୪.୩୭ ଲକ୍ଷ ଟଙ୍କା ଓଡ଼ିଶା ପର୍ଯ୍ୟଟନ ବିଭାଗ ପକ୍ଷରୁ ମଞ୍ଜୁର କରାଯାଇଛି। ରବିବାର ମାଘ ମାସ ଶୁକ୍ଳପକ୍ଷ ନବମୀ ତିଥିରେ ମନ୍ଦିରର ଜୀର୍ଣ୍ଣୋଦ୍ଧାର କାର୍ଯ୍ୟର ଶିଳାନ୍ୟାସ ପୁରୀ ପଣ୍ଡିତ ସଭାର ପରାମର୍ଶ କ୍ରମେ ଅନୁଷ୍ଠିତ ହୋଇଯାଇଛି। ମନ୍ଦିର ଜୀର୍ଣ୍ଣୋଦ୍ଧାର କାର୍ଯ୍ୟ ପାଇଁ ମୁଖ୍ୟ କର୍ତ୍ତା, ଉପଜିଲ୍ଲାପାଳ ତଥା ମନ୍ଦିରର ସମସ୍ତ ପୂଜକ ମନ୍ଦିର ଭାଙ୍ଗିବା କାର୍ଯ୍ୟ ସମାପନ କରିଥିଲେ। ଢେଙ୍କାନାଳ ସାଂସଦ ମହେଶ ସାହୁ, ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, କଣିହାଁ ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ ପ୍ରମୁଖ ଯୋଗଦେଇ ଶିଳାନ୍ୟାସରେ ପୂର୍ଣ୍ଣାହୁତି ପ୍ରଦାନ କରିଥିଲେ। ଆଖାପାଖର ହଜାର ହଜାର ଭକ୍ତ ଏହି କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ। ଅକ୍ସଫୋର୍ଡ ଯୁବ ପରିଷଦ ଆନୁକୂଲ୍ୟରେ ସମସ୍ତ ଭକ୍ତଙ୍କ ପାଇଁ ଅନ୍ନପ୍ରସାଦର ବ୍ୟବସ୍ଥା ହୋଇଥିଲା। ପାଲଲହଡ଼ା ପଞ୍ଚାୟତ ସମିତି ଅଧ୍ୟକ୍ଷା ରିନାରାଣୀ ନାଏକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ନବକିଶୋର ନାଏକ, ଦିଲ୍ଲୀପ ଉଦାବଳ, ନରେନ୍ଦ୍ର ଭୁକ୍ତା, ଦେବୋତ୍ତର ପରିଚାଳକ ଜଳଧର ମହାନ୍ତି ପ୍ରମୁଖ ଶିଳାନ୍ୟାସ କାର୍ଯ୍ୟକ୍ରମର ସଞ୍ଚାଳନ କରିଥିଲେ।



## ମଙ୍ଗଳା ଦେବୀ ମନ୍ଦିରର ବାର୍ଷିକ ମହୋତ୍ସବ

**ଅନୁଗୋଳ, ୧୮ ।୨(ସମିସ):** ଅନୁଗୋଳ ଜିଲ୍ଲା ତାଳଚେର ଦେଉଳବେଡ଼ା ତେଲିସାହି ସ୍ଥିତ ମଙ୍ଗଳା ମନ୍ଦିରରେ ଚଳିତବର୍ଷ ଦଶମ ବାର୍ଷିକ ମହୋତ୍ସବ ପାଳିତ ହୋଇଯାଇଛି। ପ୍ରତ୍ୟୁଷରୁ ମହିଳାମାନେ ଗ୍ରାମର ପୁଷ୍କରିଣୀରୁ ମା'ଙ୍କ ଲାଗି କଳସରେ ଜଳ ଆଣି ଗ୍ରାମ ପରିକ୍ରମା କରିବା ପରେ ମନ୍ଦିର ନିକଟକୁ ଆସି କଳସ ସ୍ଥାପନ କରିଥିଲେ। ସୁବାସିତ ପୁଷ୍ପ, ଘିଅ, ଧୂପ ଦୀପ, ନୈବେଦ୍ୟରେ ମା' ମଙ୍ଗଳାଙ୍କୁ ବିମଣ୍ଡିତ କରାଯାଇ ପୂଜା ଅର୍ଚ୍ଚନା କରଯାଇଥିଲା। ଏହି ପରିପ୍ରେକ୍ଷୀରେ ମା'ଙ୍କୁ ଆବାହନ କରାଯାଇ ତାଙ୍କର ଷୋଡ଼ଶ ଉପଚାର ପୂଜା, ଘୃତଯଜ୍ଞ, ନାମଯଜ୍ଞ, ଚଣ୍ଡୀପାଠ ଯଜ୍ଞ ସମ୍ପର୍ଣ୍ଣ କରାଯାଇଥିଲା। କର୍ତ୍ତାଭାବେ କାର୍ତ୍ତିକେଶ୍ୱର ସାହୁ ଏବଂ ତାଙ୍କ ସହଧର୍ମିଣୀ ବନିତା ସାହୁ ହୋମଯଜ୍ଞରେ ବସିଥିଲେ।

## ଥର୍ମୋକୋଲ ପ୍ଲେଟ୍‌ର ବହୁଳ କାରବାର



**ଅନୁଗୋଳ, ୧୮ ।୨(ସମିସ):** ଅନୁଗୋଳ ଜିଲ୍ଲା ତାଳଚେର ଅଞ୍ଚଳରେ ବହୁଳ ମାତ୍ରାରେ ଥର୍ମୋକୋଲ ପ୍ଲେଟର ବ୍ୟବହାର ହେଉଥିବା ଦେଖିବାକୁ ମିଳୁଛି। କମ୍ ଦାମରେ ଥର୍ମୋକୋଲ ପ୍ଲେଟ ମିଳୁଥିବାରୁ ଜଳଖିଆ ଦୋକାନୀଙ୍କଠାରୁ ଆରମ୍ଭ କରି ବୁଲା ବିକାଳୀ ପର୍ଯ୍ୟନ୍ତ ସମସ୍ତେ ଏହି ପ୍ଲେଟ ବ୍ୟବହାର କରୁଛନ୍ତି। ଏହାକୁ ନେଇ ପୌରପାଳିକା ସଚେତନ କରୁଥିବା ବେଳେ ବ୍ୟବସାୟୀଙ୍କ ଏଥିପ୍ରତି କୌଣସି ଫରକ ପଡୁନାହିଁ। ଅନ୍ୟପଟେ ଏହାକୁ ବିକ୍ରି ନେଇ ପ୍ରଶାସନ କେବେ କୌଣସି ପଦକ୍ଷେପ ନେଉନଥିବା ଅଭିଯୋଗ ଆଣିଛନ୍ତି ସହରବାସୀ।

## କ୍ଷୀରୋଦ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ

**କଣିହାଁ, ୧୮ ।୨(ସମିସ):** କଣିହା ବ୍ଲକ ବିଜିଗୋଳ ରାମ ମନ୍ଦିର ପଡ଼ିଆରେ ଚାଲିଥିବା ଦୁଇଦିନିଆ କ୍ଷୀରୋଦ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ରବିବାର ଉଦଯାପିତ ହୋଇଯାଇଛି। ଏଥିରେ ୮ଟି ଦଳ ଅଂଶଗ୍ରହଣ କରିଥିବା ବେଳେ ଫାଇନାଲ ମ୍ୟାଚ ନାନା ୱାରିୟର୍ସ ଓ ଡେରଙ୍ଗର ସଂଗ୍ରାମ ଫାଇଟର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ନାନା ୱାରିୟର୍ସ ଚାମ୍ପିଅନ ହୋଇଥିଲା। ଉଦଯାପନୀ କାର୍ଯ୍ୟକ୍ରମରେ ଅତିଥି ଭାବେ ରଙ୍ଗବେଡ଼ କ୍ଷ ଗ୍ରାମ ସଭାପତି ଉଦୟନାଥ ପ୍ରଧାନ, ଶ୍ରମିକ ନେତା ସତ୍ୟାନନ୍ଦ ସାହୁ, ଆଞ୍ଚଳିକ ଟ୍ରକ ମାଲିକ ସଂଘ ସଭାପତି ଶାଶ୍ୱତ ଶାନ୍ତି ସ୍ୱରୂପ ପ୍ରଧାନ, ଏନଟିପିସି ଦୀପଶିଖା ଶିଶୁ ବିଦ୍ୟାମନ୍ଦିର ପ୍ରଧାନ ଆଚାର୍ଯ୍ୟ ସୁଶାନ୍ତ କୁମାର ତ୍ରିପାଠୀ, ସାମାଜିକ କର୍ମୀ ସୁଶାନ୍ତ କୁମାର ପ୍ରଧାନ, ସୁଶୀଲ କୁମାର ବେହେରା ପ୍ରମୁଖ ଯୋଗଦାନ କରି ଖେଳାଳିଙ୍କୁ ଉତ୍ସାହିତ କରିବା ସହ ବିଜେତା ଦଳକୁ ୧୨,୦୦୦ ଏବଂ ଉପବିଜେତା ଦଳକୁ ୮,୦୦୦ ଟଙ୍କା ସହିତ ଟ୍ରଫି ପ୍ରଦାନ କରିଥିଲେ। ଏହି ପ୍ରତିଯୋଗିତାରେ ବିଭିନ୍ନ ବିଭାଗରେ ଶ୍ରେଷ୍ଠତା ପ୍ରଦର୍ଶନ କରିଥିବା ଖେଳାଳିଙ୍କୁ ପୁରସ୍କୃତ କରାଯାଇଥିଲା।

### ନାନା ୱାରିୟର୍ସ ଚାମ୍ପିଅନ



## ସୂର୍ଯ୍ୟ ନମସ୍କାର ସପ୍ତାହ

**ତାଳଚେର, ୧୮ ।୨(ସମିସ):** ଶିକ୍ଷା ବିକାଶ ସମିତି, ଓଡ଼ିଶା ଯୋଜନା ଅନୁଯାୟୀ ତାଳଚେର ବ୍ଲକ କଳମଛୁଇଁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ସୂର୍ଯ୍ୟ ନମସ୍କାର ସପ୍ତାହ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନାଚାର୍ଯ୍ୟ ଅନୀଲ କୁମାର ଦେହୁରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇ ଉଦଯାପିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟର ସମସ୍ତ ଗୁରୁଜୀ, ଗୁରୁମା, ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରତ୍ୟହ ସୂର୍ଯ୍ୟ ନମସ୍କାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟ ଯୋଗ ପ୍ରମୁଖ କମଳ ଲୋଚନ ପ୍ରଧାନ ଓ ଆଚାର୍ଯ୍ୟ ହିଂମାଂଶୁ ଦାସ ପରିଚାଳନା କରିଥିଲେ।



## ୧୩୪ ତୀର୍ଥଯାତ୍ରୀଙ୍କ ଆଜମେର ଓ ପୁଷ୍କର ଯାତ୍ରା



ଅନୁଗୋଳ, ୧୮ ।୨(ସମିସ): ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ଅନ୍ତର୍ଗତ ଅନୁଗୋଳ ଜିଲ୍ଲାର ୧୩୪ ଜଣ ତୀର୍ଥଯାତ୍ରୀ ଆଜି ସମ୍ବଲପୁର ଅଭିମୁଖେ ଯାତ୍ରା କରିଛନ୍ତି। ଆଜି ଅପରାହ୍ନରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ବବିତା ପ୍ରଧାନ ସ୍ଥାନୀୟ ଶୈଳଶ୍ରୀକ୍ଷେତ୍ର ଠାରେ ସବୁଜ ପତାକା ଦେଖାଇ ଏହି ଯାତ୍ରାର ଶୁଭାରମ୍ଭ କରିଥିଲେ। ସମସ୍ତ ଯାତ୍ରୀ ସମ୍ବଲପୁରରୁ ରେଳ ଯୋଗେ ରାଜସ୍ଥାନର ଆଜମେର ଓ ପୁଷ୍କରକୁ ଯାତ୍ରା କରିବାର କାର୍ଯ୍ୟକ୍ରମ ରହିଛି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟ ଯୋଗଦେଇ ସମସ୍ତ ଯାତ୍ରୀଙ୍କୁ ସ୍ୱାଗତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ଜଗଦୀଶ ରାୟ, ଜିଲ୍ଲା ସଂସ୍କୃତି ଅଧିକାରୀ ଦୁଃଶାସନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଆସନ୍ତା କାଲି ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଯାତ୍ରା ପାଇଁ ଉଦ୍ଦିଷ୍ଟ ଏକ ସ୍ୱତନ୍ତ୍ର ଟ୍ରେନକୁ ସମ୍ବଲପୁରରେ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିବାର କାର୍ଯ୍ୟକ୍ରମ ରହିଛି। ଆସନ୍ତା ୨୪ ତାରିଖରେ ସମସ୍ତ ଯାତ୍ରୀ ପ୍ରତ୍ୟାବର୍ତ୍ତନ କରିବେ।

## ଆମ୍ରପାଳ ନତଡ଼ା ବିଦ୍ୟାଳୟର ବାର୍ଷିକ ଉତ୍ସବ



ଅନୁଗୋଳ, ୧୮ ।୨(ସମିସ): ଅନୁଗୋଳ ଜିଲ୍ଲା ନତଡ଼ା ପଞ୍ଚାୟତର ଆମ୍ରପାଳ ନତଡ଼ା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଜଳଧର ନାଏକଙ୍କ ତତ୍ତ୍ୱାବଧାନରେ ମୁଖ୍ୟଅତିଥି ଭାବେ ଛେଣ୍ଡିପଦା ବ୍ଲକ ଅଧ୍ୟକ୍ଷା ସୁମିତ୍ରା ସାହୁ, ୧୯ ନମ୍ବର ଜୋନ ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ ସାହୁ, ନତଡ଼ା ସରପଞ୍ଚ ପ୍ରଣତି ପ୍ରଧାନ, ସମିତି ସଭ୍ୟ ସତ୍ୟନାରାୟଣ ମାଝୀ ଯୋଗଦେଇଥିବା ବେଳେ ଅନ୍ୟତମ ଅତିଥି ଭାବେ ସ୍କୁଲ୍ ପରିଚାଳନା କମିଟି ସଭାପତି ସୁଦର୍ଶନ ବେହେରା, ନତଡ଼ା ଗ୍ରାମ କମିଟି ସଭାପତି ତପନ କୁମାର ମିଶ୍ର, ସମାଜସେବୀ ଅରକ୍ଷିତ ପ୍ରଧାନ, ପୂର୍ବତନ ପ୍ରଧାନ ଶିକ୍ଷକ ପିତବାସ ମାଝୀ, ମୋହିତ ମୋହ ମାଝୀ, ମୁଖ୍ୟ ବକ୍ତାଭାବେ ଲକ୍ଷ୍ମଣ କୁମାର ସାହୁ ଯୋଗଦେଇଥିଲେ। ଶିକ୍ଷକ ରାମଚନ୍ଦ୍ର ନାଏକ ଅତିଥି ପରିଚୟ ଦେଇଥିବା ବେଳେ ଶିକ୍ଷୟିତ୍ରି ଶାଶ୍ୱତୀ ପ୍ରଧାନ ସ୍ୱାଗତ ଭାଷଣ ଦେଇଥିଲେ। ଶେଷରେ କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

## ଶ୍ରୀମଦ୍ ଭାଗବତ ପାରାୟଣ ଓ ଜ୍ଞାନଯଜ୍ଞ ସପ୍ତାହ



**ଆଠମଲ୍ଲିକ, ୧୮ ।୨(ସମିସ):** ଆଠମଲ୍ଲିକ ଉପଖଣ୍ଡ ଜଗନ୍ନାଥ ମନ୍ଦିର ପରିସରରେ ଭାଗବତ ପାରାୟଣ ଓ ସତସଙ୍ଗ ପରିଷଦ ଆନୁକୂଲ୍ୟରେ ଶ୍ରୀମଦ ଭାଗବତ ପାରାୟଣ ଓ ଜ୍ଞାନଯଜ୍ଞ ସପ୍ତାହ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବ୍ୟାସ ଭାବେ ବିଶ୍ୱେଶ୍ୱର ଦାସ, ପ୍ରବଚକ ଭାବେ କୃପାସିନ୍ଧୁ ମିଶ୍ର, ବାବା ବ୍ରଜବନ୍ଧୁ ଦାସ, ଡ଼ଃ ପ୍ରଫୁଲ୍ଲ ମିଶ୍ର ଯୋଗଦେଇଥିଲେ। ଆଜି ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କର୍ତ୍ତାଭାବେ ଆଇନଜୀବୀ ସନ୍ତୋଷ କୁମାର ତ୍ରିପାଠୀ, ଶ୍ରଦ୍ଧାଞ୍ଜଳି ତ୍ରିପାଠୀ କାର୍ଯ୍ୟ ତୁଲାଇଥିଲେ। ପୂଜକ ଭାବେ ଚିତ୍ତରଞ୍ଜନ ପାଣିଗ୍ରାହୀ ଏବଂ ରାଧାମୋହନ ତ୍ରିପାଠୀ ଉପସ୍ଥିତ ଥିଲେ। ସପ୍ତାହେ ବ୍ୟାପୀ ଅନ୍ନପ୍ରସାଦର ସୁ ବନ୍ଦୋବସ୍ତ କରାଯାଇଥିଲା। ସଭାପତି ବିପିନ ମହାପାତ୍ର, ସମ୍ପାଦକ ମନୋଜ କୁମାର ମିଶ୍ର, କୋଷାଧ୍ୟକ୍ଷ ମନୋରଞ୍ଜନ ମିଶ୍ର, ମୁଖ୍ୟ ସଂଯୋଜକ ତ୍ରିଜୀବ କୁମାର ମିଶ୍ର, ବରିଷ୍ଠ ସଭ୍ୟ ପ୍ରଫୁଲ୍ଲ କୁମାର ଦାସ, ସୁବୋଧ କୁମାର ମିଶ୍ର ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।

## ନୂଆଗାଁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ

**ତାଳଚେର, ୧୮ ।୨(ସମିସ):** ତାଳଚେର ବ୍ଲକ ଗୁରୁଜାଙ୍ଗୁଲି ଗ୍ରାମପଞ୍ଚାୟତ ଅନ୍ତର୍ଗତ ନୂଆଗାଁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଅଷ୍ଟମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପୂର୍ବତନ ସଭାପତି ସ୍ୱର୍ଗୀୟ ପ୍ରାଣବନ୍ଧୁ ଗଡ଼ନାୟକ, ପ୍ରତିଷ୍ଠାତା ସ୍ୱର୍ଗୀୟ ଗୋଲଖ ଚନ୍ଦ୍ର ବେହେରା ଓ ପୂର୍ବତନ ସମ୍ପାଦକ ସ୍ୱର୍ଗୀୟ ରାହାସ ବିହାରୀ ସାହୁଙ୍କ ଉଦ୍ଦେଶ୍ୟରେ ଏକ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ପରେ ମୁଖ୍ୟଅତିଥି ଏନଟିପିସି ତାଳଚେର ଥର୍ମାଲର ଏଜିଏମ୍‌ଏଚଆର ସମୀର ଦେବ ଦୀପ ପ୍ରଜ୍ୱଳନ କରି ବାର୍ଷିକ ଉତ୍ସବକୁ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟର ସଭାପତି ଗୋଲକ ଚନ୍ଦ୍ର ରଥ, ସମ୍ପାଦକ ସୋମନାଥ ବେହେରା, ମୁଖ୍ୟ ଉଦ୍ୟୋକ୍ତା ବିଭୁତି ଭୂଷଣ ମହାନ୍ତି, ସମାଜସେବୀ ସୁଶାନ୍ତ ପଟ୍ଟନାୟକ, କାର୍ଯ୍ୟକାରୀ ଆଚାର୍ଯ୍ୟକ୍ଷ ରଶ୍ମିତା ଦାସ ମଞ୍ଚାସୀନ ଥିଲେ। ପରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।



## ଅବହେଳିତ ଅବସ୍ଥାରେ ତାଳଚେର ରାଜପ୍ରାସାଦ ହେରିଟେଜ୍‌ର ସୌନ୍ଦର୍ଯ୍ୟକରଣ



ତାଳଚେର, ୧୮ ।୨(ସମିସ)

ତାଳଚେର ରାଜପ୍ରସାଦର ସୌନ୍ଦର୍ଯ୍ୟକରଣ ପାଇଁ କୋଟି କୋଟି ଟଙ୍କାର ବ୍ୟୟ ବରାଦ ପାଣିର ଗାର ସଦୃଶ ହୋଇଛି। ସହରର ସୌନ୍ଦର୍ଯ୍ୟ ବୃଦ୍ଧି ପାଇବା ପାଇଁ ତାଳଚେର ରାଜପ୍ରସାଦ ହେରିଟେଜ୍ କରିଡର ନିର୍ମାଣ ପାଇଁ ପ୍ରାୟ ୩ କୋଟି ଟଙ୍କା ବ୍ୟୟ କରାଯାଇଥିଲା। ନିମ୍ନମାନର ନିର୍ମାଣ କାର୍ଯ୍ୟ ଯୋଗୁଁ ଧୀରେ ଧୀରେ ଭଗ୍ନ ଅବସ୍ଥାରେ ପହଞ୍ଚିଲାଣି। ଆଇ ଲଭ୍ ତାଳଚେର ଭିତରେ ଥିବା ପାଣିକୁଣ୍ଡ, ଲାଇଟ୍ ଓ ପମ୍ପ୍ ଆଉ କାର୍ଯ୍ୟରେ ଆସୁନାହିଁ। ପ୍ରଶାସନ ହେରିଟେଜ୍ କରିଡରର ସଠିକ୍ ଭାବରେ ଦୃଷ୍ଟି ଦେଉ ନଥିବାରୁ ସୌନ୍ଦର୍ଯ୍ୟକରଣ ନଷ୍ଟ ହେବାକୁ ବସିଲାଣି। ଫେଭର ବ୍ଲକ, ଟାଇଲ୍ସ, ଷ୍ଟିଲ୍ ଗ୍ରୀଲ୍ ଏବଂ ଆଲୋକିକରଣ ଖୁମ୍ବଗୁଡିକ ଭାଙ୍ଗିଗଲାଣି। ଯାହାକି ନିର୍ମାଣ କାର୍ଯ୍ୟ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରୁଛି। ସୂଚନାଯୋଗ୍ୟ, ଏହି ହେରିଟେଜ୍ କରିଡର ନିର୍ମାଣ ତାଳଚେରବାସୀଙ୍କ ଚିତ୍ତବିନୋଦନ ଓ ପର୍ଯ୍ୟଟକ ସଂଖ୍ୟା ବୃଦ୍ଧି ପାଇଁ ତାଳଚେର ରାଣୀପାର୍କ ଉନ୍ନୟନ ପରିଷଦ ପକ୍ଷରୁ ନିର୍ମାଣ କରାଯାଇଥିଲା। କିନ୍ତୁ ଦୂରଦୃଷ୍ଟି ଅଭାବରୁ ଆଜି ଅବହେଳିତ ଅବସ୍ଥାରେ ତାଳଚେର ରାଜପ୍ରସାଦ ହେରିଟେଜ୍ କରିଡର। ପ୍ରଶାସନ ଏହାର ରକ୍ଷଣାବେକ୍ଷଣ ପ୍ରତି ଦୃଷ୍ଟିଦେବାକୁ ବୁଦ୍ଧିଜୀବୀମାନେ ଅନୁରୋଧ କରିଛନ୍ତି।



